# NATIONAL NEWS BULLETIN (ODIA)
## 29 April - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦେଶର କୌଣସି ଲୋକ ଆମ ସମ୍ବିଧାନକୁ ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା ସଂରକ୍ଷଣକୁ ରଦ୍ଦ କରିପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ କହିଛନ୍ତି ।
- ବିରୋଧୀ ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ କଳହ ସୃଷ୍ଟି ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସତର୍କ କରାଇ ଦେଇଛନ୍ତି ।
- ନିର୍ବାଚନ କମିଶନ ଆଜି ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି ।
- କଂଗ୍ରେସ ଦଳର ଇନ୍ଦୋର ସଂସଦୀୟ ପ୍ରାର୍ଥୀ ଅକ୍ଷୟ କାନ୍ତି ବାମ୍ ଆଜି ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି ।

ଏବଂ

- ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## କର୍ଣ୍ଣାଟକ ନିର୍ବାଚନ

ଦେଶର କୌଣସି ଲୋକ ଆମ ସମ୍ବିଧାନକୁ ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା ସଂରକ୍ଷଣକୁ ରଦ୍ଦ କରିପାରିବେ ନାହିଁ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି କର୍ଣ୍ଣାଟକ ବାଗଲକୋଟରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ପ୍ରତ୍ୟେକ ଦିନ ୨୪ ଘଣ୍ଟା ପରିଶ୍ରମ କରୁଛନ୍ତି । ତେବେ ଭୋଟ ବ୍ୟାଙ୍କ୍ ରାଜନୀତି ପାଇଁ କଂଗ୍ରେସ ଦଳ ଜାତିଭିତ୍ତିକ ସଂରକ୍ଷଣ କଥା କହୁଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିବା ସହ ଏହାକୁ ସେ କରାଇଦେବେ ନାହିଁ ବୋଲି କହିଛନ୍ତି । କଂଗ୍ରେସ ଦଳ ସମ୍ବିଧାନ ପରିବର୍ତ୍ତନ କରିବା ପାଇଁ କର୍ଣ୍ଣାଟକରେ ନିର୍ବାଚନ ପ୍ରଚାର ବେଳେ କହୁଥିବା ବେଳେ ଆମର ସମ୍ବିଧାନ ଜାତିଭିତ୍ତିକ ସଂରକ୍ଷଣକୁ ଗ୍ରହଣ କରେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କର୍ଣ୍ଣାଟକର ୧୪ଟି ନିର୍ବାଚନ ମଣ୍ଡଳୀରେ ମେ’ ୭ ତାରିଖରେ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଆଜି ରାଇଚୁର, ୟାଦଗିର ଏବଂ କଲାବୁର୍ଗି ଜିଲ୍ଲାରେ ଜନସଭାକୁ ସମ୍ବୋଧିତ କରୁଛନ୍ତି। ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଦଳର ଗୁଲବର୍ଗା ପ୍ରାର୍ଥୀଙ୍କ ପାଇଁ ସେଡାମରେ ଏକ ରାଲିକୁ ସମ୍ବୋଧିତ କରୁଛନ୍ତି। ଅନ୍ୟ ଏକ ଘଟଣାକ୍ରମରେ ହାସନ ସାଂସଦ ତଥା ଜେଡିଏସ୍ ସୁପ୍ରିମୋ ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଲ ରେଭାନ୍ନାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗରେ ମାମଲା ରୁଜୁ କରାଯାଇଛି । ରେବନ୍ନାଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କ ଅଭିଯୋଗ କୁ ଭିତ୍ତି କରି ହୋଲେନାରସିପୁର ପୁଲିସ ଜଣେ ମହିଳାଙ୍କୁ ଯୌନ ନିର୍ଯାତନା, ଧମକ ଦେବା ଏବଂ ଅପମାନିତ କରିବା ଅଭିଯୋଗରେ ମାମଲା ରୁଜୁ କରିଛି।

## ର୍‍ୟାଲି

ବିରୋଧୀ ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ କଳହ ସୃଷ୍ଟି ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସତର୍କ କରାଇ ଦେଇଛନ୍ତି । ଶ୍ରୀ ଶାହା ଆଜି ବିହାରର ଝଞ୍ଝାରପୁର ଠାରେ ଜନସଭାକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହେଲେ ବିହାର ସମେତ ଦେଶରୁ ଦୁର୍ନୀତି ସମ୍ପୂର୍ଣ୍ଣ ରୂପେ ଲୋପ ପାଇବା ସହ ଜାତିବାଦକୁ ଶେଷ କରାଯିବ ବୋଲି ଶ୍ରୀ ଶାହା ଦୃଢୋକ୍ତି ପ୍ରକାଶ କରିଛନ୍ତି । ପରେ ଶ୍ରୀ ଶାହା ବେଗୁସରାଇ ଠାରେ ଅନ୍ୟ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି । ତାଙ୍କର ପ୍ରଥମ ସାଧାରଣ ସଭା ଝଞ୍ଜାରପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୌକାହାର ନରହୈୟାଠାରେ ଅନୁଷ୍ଠିତ ହୋଇଛି। ଏହି ରାଲିରେ ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଯୋଗଦେଇଛନ୍ତି।

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ପୁଣେ ସହରରେ ମହା ବିଜୟ ସଂକଳ୍ପ ସଭା କରିଛନ୍ତି । ସେ ରାଜ୍ୟର ସୋଲାପୁର ଓ ସତାରା ଜିଲ୍ଲାରେ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଦେଶ ବ୍ୟାପି ଜାତିଭିତ୍ତିକ ଅର୍ଥନୈତିକ ଗଣନା କରାଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି । ଶ୍ରୀ ଗାନ୍ଧି ଆଜି ଗୁଜରାଟର ପାଟନ ଠାରେ ପ୍ରଥମ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି। ଅନ୍ୟପକ୍ଷରେ ଗୁଜରାଟ ବିଜେପି ସଭାପତି ସିଆର ପାଟିଲ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ନିଜ ନିଜ ଦଳର ପ୍ରାର୍ଥୀଙ୍କ ସମର୍ଥନରେ ସମଗ୍ର ଦେଶରେ

ରାଲି କରୁଛନ୍ତି। ରାଜନୈତିକ ଦଳର ନେତାମାନେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ହାସଲ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି।

ଦିଲ୍ଲୀରେ ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଜାତୀୟ ରାଜଧାନୀରେ ରାଜନୈତିକ ଦଳଗୁଡ଼ିକ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଚାର ମାଧମରେ ଭୋଟରଙ୍କୁ ନିବେଦନ କରୁଛନ୍ତି।

## ଷଷ୍ଠ ପର୍ଯ୍ୟାୟ

ନିର୍ବାଚନ କମିଶନ ଆଜି ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଦାନ ହେବ।

ଏହି ପର୍ଯ୍ୟାୟରେ ଦିଲ୍ଲୀର ସମସ୍ତ ୭ଟି ଆସନ, ହରିୟାଣାର ସମସ୍ତ ୧୦ଟି ଆସନ, ଉତ୍ତରପ୍ରଦେଶର ୧୪ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ ଆସନ, ଓଡ଼ିଶାର ୬ଟି ଏବଂ ଝାଡ଼ଖଣ୍ଡର ୪ଟି ଆସନରେ ମତଦାନ ହେବ।

ମେ’ ୬ ତାରିଖ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଛି। ୭ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ମେ ୯ ତାରିଖ ରହିଛି । ମେ ୨୫ ରେ ମତଦାନ ହେବାକୁ ଥିବା ବେଳେ ଜୁନ୍ ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ହେବ।

ଅନ୍ୟପକ୍ଷରେ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏହି ପର୍ଯ୍ୟାୟରେ ଆସନ୍ତା ମାସ ୧୩ ତାରିଖରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନରେ ମତଦାନ ହେବ।

## ପ୍ରାର୍ଥୀପତ୍ର ପ୍ରତ୍ୟାହାର

କଂଗ୍ରେସ ଦଳର ଇନ୍ଦୋର ସଂସଦୀୟ ପ୍ରାର୍ଥୀ ଅକ୍ଷୟ କାନ୍ତି ବାମ୍ ଆଜି ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି । ନିର୍ବାଚନକୁ ଆଉ ୨ ସପ୍ତାହ ବାକି ଥିବା ବେଳେ ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କଂଗ୍ରେସ ଦଳକୁ ଏକ ଶକ୍ତ ଧକ୍କା ଲାଗିଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଶ୍ରୀ ବାମ୍ ଇନ୍ଦୋରର ଭାରତୀୟ ଜନତାପାର୍ଟି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି । ବିଜେପି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏକ ଫଟୋରେ ଶ୍ରୀ ବାମ୍ଙ୍କ ସହ ମଧ୍ୟପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଡ଼ା ଏବଂ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ କୈଳାଶ ବିଜୟ ବର୍ଗୀୟଙ୍କୁ ଦେଖିବାକୁ ମିଳିଛି ।

# ସ୍ମୃତି ଇରାନୀ

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଆଜି ଉତ୍ତର ପ୍ରଦେଶର ଆମେଥି ସଂସଦୀୟ କ୍ଷେତ୍ର ପାଇଁ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଚଳିତ ନିର୍ବାଚନରେ ଜନସାଧାରଣ ଭାରତୀୟ ଜନତା ପାର୍ଟି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଶୀର୍ବାଦ ପ୍ରଦାନ କରିବେ ବୋଲି ଶ୍ରୀମତୀ ଇରାନୀ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଆମେଥିରେ ଜନସାଧାରଣଙ୍କୁ ସେବା ଯୋଗାଇଦେବା ପାଇଁ ସେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ବୋଲି ଶ୍ରୀମତୀ ଇରାନୀ କହିଛନ୍ତି । ଗତ ୫ ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ଲକ୍ଷ ୧୪ ହଜାର ବାସଗୃହ ନିର୍ମାଣ କରାଯାଇଛି, ଦେଢ଼ ଲକ୍ଷ ପରିବାରଙ୍କୁ ବିଜୁଳି ଯୋଗାଇ ଦିଆଯାଇଛି, ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାରେ ୪ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ଉପକୃତ ହୋଇଛନ୍ତି ବୋଲି ଶ୍ରୀମତୀ ଇରାନୀ କହିଛନ୍ତି । ତେଣୁ ଜନସାଧାରଣ ବିଜେପି ଏବଂ ପ୍ରଧାନମନ୍ତ୍ରୀଙ୍କୁ ନିଶ୍ଚିତ ଆଶୀର୍ବାଦ କରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

ସୂଚନା ଯୋଗ୍ୟ ଆମେଥିରେ ପଞ୍ଚମ ପର୍ଯ୍ୟାୟରେ ମେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଶ୍ରୀମତୀ ଇରାନୀ ଏକ ରୋଡ୍ ଶୋ' କରିଛନ୍ତି । ଏହି ସମୟରେ ତାଙ୍କ ସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉପସ୍ଥିତ ରହିଥିଲେ । ରୋଡ୍

ଶୋ’ ସମୟରେ ଆମେଥିର ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ । ଆଜି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ସର୍ବାଇକାଲ୍ କ୍ୟାନ୍‌ସରର ଲକ୍ଷଣ ଓ ଚିକିତ୍ସା ।** ସଫ୍‌ଦର୍‌ଜଙ୍ଗ୍ ହସ୍ପିଟାଲ୍‌ର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସରିତା ଶ୍ୟାମସୁନ୍ଦର ଏବଂ ନୂଆଦିଲ୍ଲୀ ଏମସ୍‌ର କ୍ୟାନସର ବିଶେଷଜ୍ଞ ଡାକ୍ତର ରାକେଶ ଗର୍ଗ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23717106 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ମଧ୍ୟ ପ୍ରଶ୍ନ ପଚରା ଯାଇପାରିବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ମଧ୍ୟ ଏହା ଉପଲବ୍ଧ ହେବ ।

## ନିର୍ବାଚନ ଆୟୋଗ

ନିର୍ବାଚନ ଆୟୋଗ ଆସନ୍ତାକାଲି ଆଉଟର ମଣିପୁର ସଂସଦୀୟ କ୍ଷେତ୍ରର ୬ଟି ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସେଠାରେ ପୁନଃ ମତଗ୍ରହଣ କରାଯିବ । ଗତ ୨୬ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ବେଳେ ସେହି ବୁଥ୍ ଗୁଡ଼ିକରେ ଗଣ୍ଡଗୋଳ ହେବା ଯୋଗୁଁ ଭୋଟଗ୍ରହଣକୁ ଆୟୋଗ ଅବୈଧ ଘୋଷଣା କରିଛନ୍ତି । ଏହି ବୁଥ୍ ଗୁଡ଼ିକ ମଧ୍ୟରେ ଉଖରୁଲ୍ ଜିଲ୍ଲାର ୫ଟି ବୁଥ୍ ଏବଂ ସେନାପତି ଜିଲ୍ଲାର ଗୋଟିଏ ବୁଥ୍ ଅନ୍ତର୍ଭୁକ୍ତ ।

## ପାଣିପାଗ

ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ରାୟଲସୀମା, ଆଭ୍ୟନ୍ତରୀଣ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ ଓ ପୂର୍ବ ଉତ୍ତରପ୍ରଦେଶର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଆସନ୍ତା ଦୁଇ ଦିନ ମଧ୍ୟରେ ପୂର୍ବ ଭାରତରେ ସର୍ବୋଚ୍ଚ

ତାପମାତ୍ରା ପ୍ରାୟ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଏବଂ ଏହା ପରେ କୌଣସି ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଇଏମଡି କହିଛି ।

ଅନ୍ୟପକ୍ଷରେ ବୁଧବାରଠାରୁ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଜି ପଶ୍ଚିମ ହିମାଳୟ ଅଞ୍ଚଳ ଏବଂ ଉତ୍ତର-ପଶ୍ଚିମ ଭାରତର ଆଖପାଖ ସମତଳ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।